## ପାଠ- ୧

# କାହା ମୁଖ ଅନାଇ ବଞ୍ଚିବି

**STUDY NOTES**

**MIND MAP**



**କବି ଓ କବିତା :-**

କବିତା 'କାହା ମୁଖ ଅନାଇ ବଂଚିବି' କବି ଭକ୍ତଚରଣଙ୍କ ଅନବଦ୍ୟ ବିଦଗ୍ଧ କାବ୍ୟ 'ମଥୁରା ମଙ୍ଗଳ'ର ଷଷ୍ଠ ଛାନ୍ଦର ପ୍ରଥମ ଆଠଗୋଟି ପଦର ସମାହାର । 'ମଥୁରା ମଙ୍ଗଳ'ର କଥାବସ୍ତୁ ପୌରାଣିକ ସୂତ୍ରରୁ ଆନୀତ ହେଲେ ହେଁ କଥାବସ୍ତୁଗତ ଉପସ୍ଥାପନ ରୀତି, କଳ୍ପନା ବିଳାସ, ରସସୃଷ୍ଟି ଓ ଚାତୁର୍ଯ୍ୟୋକ୍ତି ପ୍ରଭୃତିର ସମନ୍ୱୟରେ ଏହାର ବର୍ଣ୍ଣନାଶୈଳୀ ଅତ୍ୟନ୍ତ ମନୋରମ । ସର୍ବୋପରି ସରଳ ଓ ପ୍ରଞ୍ଜଳ ଅଭିବ୍ୟକ୍ତି ହିଁ କବିଙ୍କ ରଚନାର ବୈଶିଷ୍ଟ୍ୟ । ଭକ୍ତିରସାତ୍ମକ କାବ୍ୟ ଭାବେ 'ମଥୁରା ମଙ୍ଗଳ'ର ଗୁରୁତ୍ୱ ଓଡ଼ିଆ ସାହିତ୍ୟରେ ସ୍ୱୀକୃତି ଲାଭ କରିଛି । 'ମଥୁରା ମଙ୍ଗଳ'ରେ ଶ୍ରୀକୃଷ୍ଣଙ୍କ ଲୀଳାଚରିତ ବର୍ଣ୍ଣିତ ହୋଇଥିଲେ ମଧ ଶ୍ରୀକୃଷ୍ଣଙ୍କ ମଥୁରାଲୀଳା ହିଁ କାବ୍ୟର ମୁଖ୍ୟ ବର୍ଣ୍ଣିତ ବିଷୟ ଯାହାକି କାବ୍ୟର ନାମକରଣର ଯଥାର୍ଥତା ପ୍ରତିପାଦନ କରେ । ଭକ୍ତକବି ଭକ୍ତଚରଣ ଧରାର ମଙ୍ଗଳ ବିଷୟକ ଚିତ୍ର ଅଙ୍କନ କରି ସମଗ୍ର ମାନବ ସମାଜକୁ ମଙ୍ଗଳମୟଙ୍କର ଶରଣାପନ୍ନ ହେବାଲାଗି ଉପଦେଶ ହେଇଛନ୍ତି ।

ମଥୁରା ମଙ୍ଗଳ ର ଷଷ୍ଠ ଛାନ୍ଦରେ କବି ଯଶୋଦାଙ୍କର ମାତୃହୃଦୟର ସ୍ୱଚ୍ଛଭାବ ପ୍ରକାଶ କରିଛନ୍ତି । ଶ୍ରୀକୃଷ୍ଣ ଯଶୋଦାଙ୍କ ଚକ୍ଷୁରେ ଏକ ଅଳିଅଳ ଦୁଷ୍ଟ ବାଳକ । କଂସର ବନ୍ଦୀଶାଳାରେ ଜନ୍ମଗ୍ରହଣ କରି ଶ୍ରୀକୃଷ୍ଣ ଯେ ଗୋପପୁରରେ ନନ୍ଦ-ଯଶୋଦାଙ୍କ ଗୃହରେ ବାଲ୍ୟଲୀଳା ସମାପନ କରିବେ ଓ ପରବର୍ତ୍ତୀ ସମୟରେ ମଥୁରା ଗମନ କରି ଦୁର୍ମିଳାନନ୍ଦନ କଂସକୁ ବିନାଶ କରି ଧରାଧାମରେ ଧର୍ମ ସଂସ୍ଥାନ କରିବେ ,ଏହି ବିଧିନିର୍ଦ୍ଦିଷ୍ଟ ତତ୍ତ୍ୱ ଓ ଶ୍ରୀକୃଷ୍ଣଙ୍କ ଅବତାର ଗ୍ରହଣ ବିଷୟକୁ ଯଶୋଦା ବା କିପରି ଜାଣିବେ? ଏପରିକି ଗୋପରେ ଶ୍ରୀକୃଷ୍ଣଙ୍କ ପୁତନା, ତୃଣା, ଶକଟା, ଅଘା, ବକା ଷଣ୍ଢ ପ୍ରଭୃତି ରାକ୍ଷସ ରାକ୍ଷସୀମାନଙ୍କୁ ବଧ, କାଳୀୟ ଦଳନ, ବରୁଣ ବିବାଦ, ଗୋବର୍ଦ୍ଧନ ଗିରି ଧାରଣ ପରି ଅଲୌକିକ ଶକ୍ତି ପ୍ରଦର୍ଶନ ପରେ ବି ଯଶୋଦା ପୁତ୍ର ଶ୍ରୀକୃଷ୍ଣଙ୍କୁ ଜଣେ ସାଧାରଣ ଅବୋଧ ବାଳକ ବୋଲି ଭାବିଛନ୍ତି । ମାତ୍ର ନନ୍ଦସୁତଙ୍କ ଏ ସମସ୍ତ ଅଦ୍ଭୁତ କ୍ରିୟା ଶ୍ରବଣରେ କଂସର ହୃତ୍ସ୍ପନ୍ଦନ ବହୁଗୁଣିତ ହୋଇଛି । ତେଣୁ ଶ୍ରୀକୃଷ୍ଣଙ୍କୁ କୌଶଳରେ ମଥୁରାକୁ ଆଣି ବଧ କରିବା ଉଦ୍ଦେଶ୍ୟରେ ସେ ଅକ୍ରୁରଙ୍କୁ ଗୋପପୁରକୁ ପ୍ରେରଣ କରିଛି । ଅକ୍ରୁରଠାରୁ କଂସର ଚିଟାଉ ପାଠ କରିବା ପରେ ନନ୍ଦ ବିଷାଦିତ ହୃଦୟରେ ଶ୍ରୀକୃଷ୍ଣ ବଳରାମଙ୍କ ମଥୁରାଗମନ ସମ୍ବାଦ ଗୋପରେ ଘୋଷଣା କରିଛନ୍ତି ।

ଧନୁ ଉତ୍ସବ ଦର୍ଶନ ପାଇଁ ଶ୍ରୀକୃଷ୍ଣ ବଳରାମଙ୍କ ମଥୁରା ଗମନ ସମ୍ବାଦ ଶ୍ରବଣରେ ଗୋପପୁରବାସୀ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ଗୋପୀମାନେ ଅତ୍ୟନ୍ତ ଅଧୀରା ହୋଇ କାରୁଣ୍ୟୋକ୍ତି ପ୍ରକାଶ କରିଛନ୍ତି । ବୃଦ୍ଧକାଳର ଏକମାତ୍ର ପୁତ୍ର ଶ୍ରୀକୃଷ୍ଣ, ଯାହାକୁ ଦଣ୍ଡେ ନ ଦେଖିଲେ ମାତା ଯଶୋଦାଙ୍କ ପ୍ରାଣ ବିକଳି ଉଠୁଥିଲା, ମଥୁରା ଗମନ କଲେ ତାଙ୍କ ବିରହରେ ମାନସିକ ଭାରସାମ୍ୟ ରକ୍ଷାକରିବା ଯେ ଅସମ୍ଭବ ହୋଇଉଠିବ ଏହି ଭାବନାରେ ମାତୃହୃଦୟ ଭାଙ୍ଗିପଡ଼ିଛି । ଶ୍ରୀକୃଷ୍ଣଙ୍କ ଗୋପପୁର ତ୍ୟାଗ ସମ୍ବାଦରେ ଗୋପପୁରର ଆବାଳ-ବୃଦ୍ଧ-ବନିତା, ନନ୍ଦରାଜା ଓ ମାତା ଯଶୋଦାଙ୍କ ନୈରାଶ୍ୟଜର୍ଜର ଭାବାବେଗ କବିଙ୍କର କରୁଣ ରସାଶ୍ରିତ ବର୍ଣ୍ଣନାରେ ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଛି ।

ODM EDUCATIONAL GROUP Changing your Tomorrow